# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23rd August - 2024**

**News Editor : *Itishree Singh Rathaur***

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍‌ରେ ସୁଭଦ୍ରା ଯୋଜନାକୁ ଅନୁମୋଦନ; ୫୫ ହଜାର ୮୨୫ କୋଟି ଟଙ୍କାର ବ୍ୟୟ ଅଟକଳ ।

— ଯୋଜନାରେ ଯୋଗ୍ୟ ହିତାଧିକାରୀ ବାର୍ଷିକ ପାଇବେ ୧୦ ହଜାର ଟଙ୍କା ।

- ବିଧାନସଭାରେ ସମବାୟ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚଦାବୀ ଆଗତ ।

- ଚନ୍ଦ୍ରଯାନ-୩ର ସଫଳତାକୁ ମନେପକାଇ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି ଜାତୀୟ ମହାକାଶ ଦିବସ ।

ଏବଂ

- ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଲଘୁଚାପ ସୃଷ୍ଟି ସମ୍ଭାବନା; ଅତି ପ୍ରବଳ ବର୍ଷା ହେବା ନେଇ ୪ଟି ଜିଲ୍ଲାପାଇଁ ସତର୍କ ସୂଚନା ।

**BBSR/R**

# ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସୁଭଦ୍ରା ଯୋଜନାକୁ ଅନୁମୋଦନ ମିଳିଛି । ଏହାସହ ଯୋଜନା ପାଇଁ ମାର୍ଗଦର୍ଶିକା ଜାରି ହୋଇଛି । ଏ ସମ୍ପର୍କରେ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନାପାଇଁ ୫୫ ହଜାର ୮୨୫ କୋଟି ଟଙ୍କାର ବଜେଟ୍ ଧାର୍ଯ୍ୟ ହୋଇଛି । ଏହି ଯୋଜନାରେ ୧ କୋଟିରୁ ଅଧିକ ମହିଳା ଉପକୃତ ହେବେ । ୨୧ରୁ ୬୦ ବର୍ଷ ବୟସର ମହିଳାମାନଙ୍କୁ ଏହି ଯୋଜନାରେ ସାମିଲ୍ କରାଯିବ । ପ୍ରତିବର୍ଷ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୫ ହଜାର ଟଙ୍କା ଲେଖାଏଁ ବର୍ଷକୁ ଦୁଇ ଥର ମୋଟ୍ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଡିଜିଟାଲ୍ କାରବାରକୁ ପ୍ରୋତ୍ସାହିତ କରିବାପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାରେ ସର୍ବାଧିକ ଡିଜିଟାଲ୍ କାରବାର କରିଥିବା ୧୦୦ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଅତିରକ୍ତ ୫୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ମହିଳାମାନେ ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଦି ସଂସ୍ଥା ଜରିଆରେ ଆବେଦନ କରିପାରିବେ । ସୁଭଦ୍ରା ଯୋଜନା ପାଇଁ ଏକ କଲ୍ ସେଣ୍ଟର୍ ମଧ୍ୟ କାର୍ଯ୍ୟକ୍ଷମ ହେବ । ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା କିମ୍ବା ଆୟକର ପ୍ରଦାନ କରୁଥିବା

ମହିଳାମାନେ ଏହି ଯୋଜନାରେ ସାମିଲ୍ ହୋଇପାରିବେ ନାହିଁ । ଏହାବ୍ୟତୀତ କୌଣସି ସରକାରୀ ଯୋଜନାରେ ମାସିକ ଦେଢ଼ ହଜାର ଟଙ୍କା କିମ୍ବା ବାର୍ଷିକ ୧୮ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ପାଉଥିବା ମହିଳାମାନେ ସୁଭଦ୍ରା ଯୋଜନାରେ ଲାଭାର୍ଥୀ ହୋଇପାରିବେ ନାହିଁ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି ।

ସୂଚନା ଅନୁସାରେ, ସୁଭଦ୍ରା ଯୋଜନା ଚଳିତ ଆର୍ଥିକ ବର୍ଷରେ ଆରମ୍ଭ ହୋଇ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

***Desk***

# ଖର୍ଚ୍ଚ ଦାବୀ

ସପ୍ତଦଶ ବିଧାନସଭା ଦ୍ୱିତୀୟ ଅଧିବେଶନର ଚତୁର୍ଥ ଦିନରେ ଆଜି ପ୍ରଶ୍ନକାଳରେ ବିରୋଧୀ ଦଳ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ସମବାୟ ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଆଗତ ହୋଇଛି । ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୩ ହଜାର ୩୦୭ କୋଟି ୯୯ ଲକ୍ଷ ୧୭ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ । ସେହିଭଳି ସମବାୟ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭାଗ ଲାଗି ୨ ହଜାର ୨୧୬ କୋଟି ୧୩ ଲକ୍ଷ ୫ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ ।

ଏହା ପୂର୍ବରୁ ଆଜି ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଚିକିଟି ମଦମୃତ୍ୟୁ ପ୍ରସଙ୍ଗକୁ ନେଇ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ ।

ଶୂନ୍ୟକାଳରେ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖି କହିଥିଲେ, ବେଆଇନ ମଦ ବିକ୍ରି କାରବାରକୁ ରୋକିବା ପାଇଁ  ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକସ୍ଥଳ ନିକଟରେ ମଦ ଦୋକାନ ରହିବ ନାହିଁ। ନିଶା ନିବାରଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ସରକାରୀ ସ୍ତରରେ ବଡ଼ ଧରଣର ପଦକ୍ଷେପ ନିଆଯାଉଛି । ରାଜ୍ୟ ସରକାର ଖୁବ୍ ଶ୍ରୀଘ୍ର ନୂଆ ଅବକାରୀ ନୀତି ଆଣିବେ ବୋଲି ମନ୍ତ୍ରୀ କହିଛନ୍ତି ।

***HS***

## ବେକାରୀ ହାର

ରାଜ୍ୟରେ ସର୍ବଭାରତୀୟ ସ୍ତରଠାରୁ ବେକାରୀ ହାର ଅଧିକ ରହିଛି ବୋଲି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ ବିଧାନସଭାରେ କହିଛନ୍ତି । ସର୍ବଭାରତୀୟ ସ୍ତରରେ ବେକାରୀ ହାର ୩ ଦଶମିକ ୨ ପ୍ରତିଶତ ଥିବା ବେଳେ ରାଜ୍ୟରେ ଏହା ୩ ଦଶମିକ ୯ ପ୍ରତିଶତ ରହିଛି । ମନ୍ତ୍ରୀ କହିଛନ୍ତି, ବେକାରୀ ହାରରେ

ଓଡ଼ିଶା ଦେଶରେ ୨୧ ନମ୍ବର ରାଜ୍ୟ ତାଲିକାରେ ରହିଛି । ରାଜ୍ୟରେ ନିଯୁକ୍ତି ପାଇଁ ବର୍ତ୍ତମାନ ୧୧ ଲକ୍ଷ ୪ ହଜାର ୨୩୭ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ଗତ ୧୦ ବର୍ଷ ମଧ୍ୟରେ ୮ ହଜାର ୪୦୧ ଜଣ ନିଯୁକ୍ତି ପାଇଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

*Assembly Review*

## ବିଧାନସଭା

ରାଜ୍ୟ ସରକାର ମିନି ଷ୍ଟାଡିୟମ୍ ଯୋଜନାରେ ଜଗତ୍‌ସିଂହପୁର ଜିଲ୍ଲାର ବ୍ଲକ୍ ଓ ସହରାଞ୍ଚଳରେ ଗୋଟିଏ ମିନି ଷ୍ଟାଡିୟମ୍ ଓ ଓପନ୍ ଜିମ୍ ନିର୍ମାଣ କରିବାକୁ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ କହିଛନ୍ତି । ବିଧାୟକ ଅମରେନ୍ଦ୍ର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ସହରାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି ଯୋଜନାରେ ଦୁଇଟି ବହୁମୁଖୀ ଇଣ୍ଡୋର ଷ୍ଟାଡୟମ୍ ନିର୍ମାଣ କରାଯାଇଛି ।

*Desk, Cuttack, Gajapati, Sambalpur/R*

## ମହାକାଶ ଦିବସ

ଦେଶରେ ଆଜି ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି । ଚନ୍ଦ୍ରଯାନ-୩ର ସଫଳତା ପରେ ଅଗଷ୍ଟ ମାସ ୨୩ ତାରିଖକୁ ଜାତୀୟ

ମହାକାଶ ଦିବସ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ଗତବର୍ଷ ଚନ୍ଦ୍ରଯାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା । କେନ୍ଦ୍ର ସରକାରଙ୍କର ମହାକାଶ କ୍ଷେତ୍ରରେ ଉଦାରୀକରଣ ନୀତି ଯୋଗୁଁ ଗତ ୪ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଭାରତ ବଡ଼ ଧରଣର ସଫଳତା ହାସଲ କରିଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଜାତୀୟ ମହାକାଶ ଦିବସ ପାଳନ କରାଯାଇଛି । କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକମାନେ ଯୋଗଦେଇ  ଚନ୍ଦ୍ରଯାନ-୩ ସମ୍ପର୍କରେ ଆଲୋକପାତ କରିଥିଲେ ।

ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ କୁଳପତି ବଂଶୀଧର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାକାଶ ଦିବସ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଉପଖଣ୍ଡ ବେତାଗୁଡ଼ାସ୍ଥିତ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କଦ୍ୱାରା ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

*Puri/R*

# ରତ୍ନଭଣ୍ଡାର

**ପୁରୀ** ଶ୍ରୀମନ୍ଦିର ରତ୍ନଭଣ୍ଡାର ଆଜି ପୁନର୍ବାର ଖୋଲାଯାଇ  ଭିତରେ ଥିବା ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତରଣ କରାଯାଇଛି। ପ୍ରଥମେ ବାହାର ରତ୍ନଭଣ୍ଡାରରୁ ଷ୍ଟିଲ୍ ଆଲମିରା, କାଠ ଆଲମିରା, ଲୁହା ସିନ୍ଦୁକ ସ୍ଥାନାନ୍ତର କରାଯାଇଥିବାବେଳେ ପରେ ଭିତର ରତ୍ନଭଣ୍ଡାରରୁ ୩ଟି ଲୁହା ସିନ୍ଦୁକ, ଦୁଇଟି କାଠ ଆଲମିରା ସ୍ଥାନାନ୍ତର କରାଯାଇଥିଲା ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି । ସେ କହିଛନ୍ତି, ସମସ୍ତ କାର୍ଯ୍ୟର ଭିଡ଼ିଓଗ୍ରାଫି କରାଯାଇଛି । ସେଗୁଡ଼ିକ ଶ୍ରୀମନ୍ଦିର ଭିତରେ ଥିବା ନୀଳାଦ୍ରି ବିହାର ସଂଗ୍ରହାଳୟରେ ରଖାଯାଇଛି । ଖୁବ୍ ଶୀଘ୍ର ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକଙ୍କୁ ଯାଞ୍ଚ୍ ପାଇଁ ଚିଠି ଲେଖାଯିବ ।

***Voice*** :............

*Puri/R*

# ରଣମେଳା

ସଶକ୍ତ ଓଡ଼ିଶା ଗଠନପାଇଁ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଲାଗି ସରକାର ପ୍ରୟାସ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ପରିଡ଼ା କହିଛନ୍ତି । ଆଜି ପୂର୍ବାହ୍ନରେ ପୁରୀ ଜିଲ୍ଲା ନିମାପଡ଼ାଠାରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ପକ୍ଷରୁ ଅନୁଷ୍ଠିତ ଋଣମେଳାରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ମହିଳାମାନଙ୍କ ପାଇଁ ଏଭଳି ଋଣମେଳାର ଆୟୋଜନ କରାଯିବା ପ୍ରେରଣାଦାୟକ । ମହିଳାମାନେ ସଶକ୍ତ ହେଲେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଏହାବ୍ୟତୀତ ସମାଜ ଗଠନରେ ସେମାନଙ୍କର ଭାଗିଦାରୀ ବୃଦ୍ଧି ଉପରେ ଶ୍ରୀମତୀ ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି ।

***Cuttack/R***

# ମାଟ୍ରିକ୍ ସପ୍ଲିମେଣ୍ଟାରୀ

ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ୭୯୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୪୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିଭଳି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୯ ହଜାର ୪୩୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ମାଧ୍ୟମିକ ଶିକ୍ଷା ବୋର୍ଡ଼ ପକ୍ଷରୁ କୁହାଯାଇଛି ।

*Keonjhqar, Ganjam, Kalahandi/R*

# ପି.ଏମ୍. - ଜନମନ

ବିଶେଷଭାବେ ଅନଗ୍ରସର ଜନଜାତି ଗୋଷ୍ଠୀ - ପି.ଭି.ଟି.ଜି.ମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି 'ପି.ଏମ୍. ଜନମନ୍ ଯୋଜନା' । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ ପି.ଭି.ଟି.ଜି.ମାନଙ୍କପାଇଁ ସୂଚନା ଶିକ୍ଷା ଏବଂ ଯୋଗାଯୋଗ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାପାଳ ବିଶାଳ ସିଂହ ଯୋଜନାର ଶୁଭାରମ୍ଭ କରି ଏହାକୁ ଲୋକାଭିମୁଖୀ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ଗଞ୍ଜାମ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଯୋଜନା ଅଧୀନରେ ସମସ୍ତଙ୍କୁ ପକ୍କାଘର, ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାପାଇଁ ଗୁରୁତ୍ୱାରୋପ କରାଯାଇଛି ।

କଳାହାଣ୍ଡି ଜିଲ୍ଲାରେ ଏହି ଅବସରରେ ଏକ ସଚେତନତା ରଥ ଜିଲ୍ଲାପାଳଙ୍କଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି ।

*Sambalpur/R*

# ଆଶ୍ ଡମ୍ପିଂ ତଦନ୍ତ

ସମ୍ବଲପୁର ଜିଲ୍ଲା ରେଙ୍ଗାଲୀ ବ୍ଲକ୍ ତବଡ଼ାବାହାଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଫ୍ଲାଏ ଆଶ୍ ଡମ୍ପିଂ ଘଟଣାର ଯାଞ୍ଚପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିର୍ଦ୍ଦେଶ ଦେଇଛନ୍ତି । ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଏଥିସହ ଏଥିରେ ବ୍ୟବହୃତ ହେଉଥିବା ଗାଡ଼ିରେ ଜି.ପି.ଏସ୍. ଲଗାଇବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଅନୁସାରେ, ତବଡ଼ାବାହାଲରେ ଆଶ୍ ଡମ୍ପିଂ ହେଉଥିବା ନେଇ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ।

*Desk*

# ପାଣିପାଗ

ବାଂଲାଦେଶ ଉପରେ ରହିଥିବା ସକ୍ରିୟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, ଦେବଗଡ଼, ସମ୍ବଲପୁର

ଓ କେନ୍ଦୁଝର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୩ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

*****